## ଦୁର୍ବୃତ୍ତ ଘର ତାଲା ଭାଙ୍ଗି ଲୁଟିଲେ

ଗୋପାଳପୁର(ନବୀନ ରାଜ ଆଚାରୀ) ଶୁକ୍ରବାର ବିଳମ୍ବିତ ରାତିରେ ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ମହିମା ବିହାର ଦ୍ୱିତୀୟ ଲାଇନରୁ ଏକ ତାଲା ବନ୍ଦ ଘରୁ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ସୁନା ଓ ଟଙ୍କା ଲୁଟି ନେଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଆମ୍ବପୁଆ ମହିମା ବିହାର ଦ୍ୱିତୀୟ ଲାଇନରେ ଅବସରପ୍ରାପ୍ତ ସେନା କର୍ମଚାରୀ ଇନ୍ଦ୍ରମଣୀ ପଲେଇ ରହନ୍ତି। ସେ କୌଣସି କାମରେ କବିସୂର୍ଯ୍ୟନଗର ହିନ୍ଦଳ ଗ୍ରାମକୁ ଯାଇଥିଲେ। ଘର ଦେଖା ଚାହା ପାଇଁ ଶ୍ୱଶୁରଙ୍କୁ ଘର ଚାବି ଦେଇଥିଲେ। ଶନିବାର ଶ୍ୱଶୁର ଆସି ଦେଖିବା ବେଳକୁ ଘର ଗ୍ରିଲ ଚାବି ଭଙ୍ଗା ଯିବା ସହ ଦୁର୍ବୃତ୍ତମାନେ ପଶି ୫ ହଜାର ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଛନ୍ତି। ଏ ନେଇ ଅଭିଯୋଗ ପରେ ୧୧୦/୨୬ରେ ମାମଲା ରୁଜୁ ହୋଇଛି।



# ଗର୍ଭବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଅଭିଯୋଗ

■ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବହେଳା
■ଚିକିତ୍ସାଳୟ ପରିସରରେ ହୋହାଲ୍ଲା କଲେ ପରିବାର ଲୋକେ

ପାରଳାଖେମୁଣ୍ଡି,୨୮।୨(ଗିରିଧାରୀ ପରିଚ୍ଛା) ଦିନକୁ ଦିନ ଗଜପତି ଜିଲା ସଦରସ୍ଥିତ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ବଢ଼ିବାରେ ଲାଗିଛି। ନିକଟରେ ଗୁମ୍ମା ବ୍ଲକର ଜଣେ ରୋଗୀଙ୍କ ଚିକିତ୍ସାରେ ଅବହେଳାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ଶନିବାର ଗୁମ୍ମା ବ୍ଲକର ଅନୁରୂପ ଏକ ଘଟଣା ପଦାକୁ ଆସିଛି। ଜଣେ ଗର୍ଭବତୀଙ୍କ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଥିଲା। ପରିବାର ଓ ସମ୍ପର୍କୀୟମାନେ ଚିକିତ୍ସାଳୟର ଏହି ଅବ୍ୟବସ୍ଥା ଦେଖି ପାଟିତୁଣ୍ଡ କରିବା ସହ ହୋହାଲ୍ଲା କରିଛନ୍ତି।

ଘଟଣାରୁ ପ୍ରକାଶ, ଗୁମ୍ମା ବ୍ଲକ ତରଙ୍ଗଡା ପଞ୍ଚାୟତ ଅନ୍ତର୍ଗତ କେକେସିଂ ଗ୍ରାମର ସୁମେନ୍ଦ୍ର ପରିଚ୍ଛାଙ୍କ ସ୍ତ୍ରୀ ଅମ୍ରିତା ଗର୍ଭବତୀ ଥିଲେ। ସେ ଯନ୍ତ୍ରଣା ଅନୁଭବ କରିବାରୁ ଶନିବାର ଭୋର୍ ୩ଟାରେ ପରିବାର ଲୋକେ ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ନେଇଥିଲେ। କିଛି ସମୟ ପରେ ଜଣେ ଆନେସ୍ଥେସିଆ ଡାକ୍ତର ଅମ୍ରିତାଙ୍କୁ ଚିକିତ୍ସା କରି ପ୍ରସୂତିଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି । ତାଙ୍କୁ ତୁରନ୍ତ



ବିଳମ୍ବରେ ପହଞ୍ଚିଥିବା ଆମ୍ବୁଲାନ୍ସକୁ ପରିବାର ଲୋକେ ବିରୋଧ କରୁଛନ୍ତି।

ସ୍ଥାନାନ୍ତର କରିବାକୁ ପଡିବ ବୋଲି ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ପରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ ଆମ୍ବୁଲାନ୍ସ ଆସି ନ ଥିଲା । ଭୋର୍ ସାଢେ ୩ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ଦେଖା ମିଳି ନ ଥିଲା। ସକାଳ ୭.୪୦ରେ ଜଣେ ବରିଷ୍ଠ ଡାକ୍ତର ଆସି ସେ ମଧ ଅମ୍ରିତାଙ୍କୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ । ଇତି ମଧରେ ଦୁଇ ଜଣ ନର୍ସ ପ୍ରସୂତି ମହିଳାଙ୍କ ଚିକିତ୍ସା ଚଳାଇଥିଲେ। ଦୀର୍ଘ ସମୟ ବିତିବା ପରେ ଉଭୟ ଡାକ୍ତର କିମ୍ବା ଆମ୍ବୁଲାନ୍ସ ନ ଆସିବାରୁ ଗର୍ଭବତୀଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହୋଇ ପଡିଥିଲା। ସୁମେନ୍ଦ୍ରଙ୍କ ପରିବାର ଲୋକେ ତୁରନ୍ତ ଚିକିତ୍ସା କିମ୍ବା ସ୍ଥାନାନ୍ତର ପାଇଁ ଚିକିତ୍ସାଳୟରେ ନେହୁରା ହେଲେ ମଧ କେହି ନ ଶୁଣିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରି ହୋହାଲ୍ଲା କରିଥିଲେ। ସକାଳ ସାଢେ ୮ଟାରେ ଆମ୍ବୁଲାନ୍ସ ପହଞ୍ଚିବା ପରେ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଖବର ନେବାରୁ ଜଣାପଡିଛି ବ୍ରହ୍ମପୁର ଏମକେସିଜିରେ ଅସ୍ତ୍ରୋପ୍ରଚାର କରାଯାଇ ପ୍ରସୂତିଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ତେବେ ଅମ୍ରିତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଉଭୟ ମା' ଓ ଶିଶୁପୁତ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିଳ ଥିବାରୁ ଆଇସିୟୁରେ ରଖାଯାଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶାନ୍ତ ପାଢୀଙ୍କୁ ପଚାରିବାରୁ ସେ କହିଲେ, ପ୍ରସୁତି ଜଣକ ପ୍ରଥମରୁ କୌଣସି ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ନ ଥିଲେ। ତାଙ୍କ ପରିବାର ଲୋକଙ୍କୁ ଆମ ଡାକ୍ତର ଓ ନର୍ସ ଚିକିତ୍ସା ସମ୍ପର୍କିତ ଡକ୍ୟୁମେଣ୍ଟ ମାଗିଥିଲେ। ସେମାନେ କିଛି ଦେଖାଇ ପାରି ନ ଥିଲେ। ଏହା ସତ୍ତ୍ୱେ ଆମର ୨ଜଣ ନର୍ସ ଓ ଡାକ୍ତର ରୋଗୀଙ୍କୁ ଦେଖିଛନ୍ତି। ଚିକିତ୍ସା ଯୋଗାଇଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେଲା ଯାହା କୁହାଯାଉଛି ତାହା ଆମ ହାତରେ ନାହିଁ ବୋଲି ଡା. ପାଢୀ କହିଥିଲେ।

## ସଂକ୍ଷେପରେ

### ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



କୋଟଗଡ଼,୨୮।୨(ସରୋଜ ବଳିୟାରସିଂ) କୋଟଗଡ଼ ଥାନାରେ ଥାନା ଅଧିକାରୀ ଭାବେ ସମ୍ପିତ କୁମାର ସ୍ୱାଇଁ ଶୁକ୍ରବାର ସନ୍ଧ୍ୟାରେ କାର୍ଯ୍ୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଠାରେ ଥିବା ଥାନା ଅଧିକାରୀ ସମୀର କୁମାର ବେହେରାଙ୍କୁ କନ୍ଧମାଳ ଜିଲାର ଟିକାବାଲି ଥାନାକୁ ବଦଳି ହୋଇଛି। ନୂତନ ଥାନା ଅଧିକାରୀ ସ୍ୱାଇଁଙ୍କୁ ଥାନା କର୍ମଚାରୀମାନେ ସ୍ୱାଗତ କରିଛନ୍ତି। କୋଟଗଡରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଅଞ୍ଚଳର ଜନସାଧାରଣଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରିବି ବୋଲି ନୂଆ ଥାନା ଅଧିକାରୀ କହିଛନ୍ତି।

### ବାଟ କାଳୁଆ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଶେରଗଡ଼,୨୮।୨(ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ ନିକଟସ୍ଥ ପଥର ପୁଞ୍ଜି ଗ୍ରାମ ଛକରେ ଥିବା ବାଟ କାଳୁଆ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ପୁରୁଷଙ୍କୁ ନେଇ ସକାଳୁ କଳସଯାତ୍ରା ହୋଇଥିଲା। ପରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା ଓ ଶାଳାପୂଜା ହୋଇଥିଲା। ୧୧ ଜଣ ପୁରୋହିତ ମନ୍ତ୍ରପାଠରେ ପ୍ରତିଷ୍ଠା ଉତ୍ସବ ସ୍ଥଳ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଥିଲା। ମା କାଳୁଆ ମନ୍ଦିରର ଦ୍ୱାରପାଳ ପୂଜା, ଷୋଡ଼ଶ ଉପଚାର ପୂଜା କରାଯାଇଥିଲା। ପଞ୍ଚାମୃତ ଅର୍ପଣ କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସାମିଲ ହୋଇଥିଲେ। ପରେ ପୂର୍ଣ୍ଣାହୁତି ହୋମ ଯଜ୍ଞ କରାଯାଇଥିଲା। ଆଖ ପାଖ ଗ୍ରାମ ଡେଙ୍ଗାପଦର, ପଥର ପୁଞ୍ଜି, ନରେନ୍ଦ୍ରପୁର, ଗୋବିନ୍ଦପୁର, କିଳିକଣା, ଧନନ୍ତର, ସୁନାନ୍ତର ଗ୍ରାମର ବହୁ ଶ୍ରଦ୍ଧାଳଙ୍କ ସମାଗମ ହୋଇଥିଲା।

### ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପାଠଚକ୍ର

ବାଲିଗୁଡ଼ା,୨୮।୨(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ତରଫରୁ ଏକ ପାଠଚକ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବିଭୂତି ଭୂଷଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ପାଠଚକ୍ରର ବିଷୟ ବସ୍ତୁ ଥିଲା ପରବର୍ତ୍ତୀ ବିଶ୍ୱ ରାଜନୀତି ଓ ଏହାର ପ୍ରଭାବ ଭାରତ ବୈଦେଶିକ ନୀତି ଉପରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ.ସୁଶାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ରାଜନୀତି ବିଜ୍ଞାନ ବିଭାଗ ତୃତୀୟ ବର୍ଷ ଛାତ୍ର ତରୁଣ ମଲିକ ଓ ବିକ୍ରମ ମଲିକ ଏହି ସନ୍ଦର୍ଭ ପାଠ କରିଥିବା ବେଳେ ବିଭାଗୀୟ ଅଧ୍ୟାପିକା ଆଲିପାମା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶୈକ୍ଷିକ ଅଧିକାରୀ ତେଜେଶ୍ୱର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜଗନ୍ନାଥ ଡାକୁଆ ଧନ୍ୟବାଦ ଦେଇଥିଲେ।

### ସାମାଜିକ ସହଭାଗିତା କାର୍ଯ୍ୟକ୍ରମ

ଦିଗପହଣ୍ଡି,୨୮।୨(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ସାମାଜିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଜେନାମଣି ସାହୁ ସଂଯୋଜନା କରିଥିଲେ। ଫ୍ୟୁଜନ ଫାଇନାନ୍ସର ଡିଭିଜିନାଲ ମ୍ୟାନେଜର ଏମ.ଗୁଜୁନା ପାତ୍ର, ନୟାଗଡ଼ ଶାଖାର ଆଡମିନ୍ ଶ୍ରୀକାନ୍ତ ଦାସ, କନିଷୀ ଶାଖାର ଏରିଆ ମ୍ୟାନେଜର ସୁଶାନ୍ତ ସାହୁ, ରାମଜୀ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ କର, ଏଜୁକେଶନ ଶିକ୍ଷକ ସଜିନ ସେଠ୍ ଅତିଥି ଭାବେ ଯୋଗ ଦେଇଥିଲେ। ଫ୍ୟୁଜନ ଫାଇନାନ୍ସ ସଂସ୍ଥା ଏହି ଅବସରରେ ଅତ୍ୟାଧୁନିକ ପାନୀୟ ଜଳ ଶୋଧନ ଏବଂ ପାନୀୟ ଜଳ ଶୀତଳ ମେଶିନ ବିଦ୍ୟାଳୟକୁ ପ୍ରଦାନ କରିଛି।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ



ରାଇକିଆ,୨୮।୨ (ପ୍ରଦୀପ ବେହେରା) ରାଇକିଆ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଶନିବାର ସକାଳୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ ସହ ହୋମ ଯଜ୍ଞ ଆରମ୍ଭ ହୋଇଥିଲା। ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସନ୍ଧ୍ୟା ୬ଟା ବେଳେ ପୂର୍ଣ୍ଣାହୂତି ସମାପନ ହୋଇଥିଲା। ସଭାପତି ସତ୍ୟବାନ ପାତ୍ର, ସମ୍ପାଦକ ବାଇନାଥ ଦାସ, ଉପ ସଭାପତି ଦୁର୍ଯ୍ୟୋଧନ ଲେଙ୍କା, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଲେଙ୍କା, ବିକ୍ରମାଦିତ୍ୟ ପାଳଙ୍କ ସମେତ ଜଗନ୍ନାଥ ପୂଜା କମିଟିର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାନସାରଳା ଆଶ୍ରମ ବିଦ୍ୟାଳୟ ବାର୍ଷିକୋତ୍ସବ

ବୁଗୁଡ଼ା,୨୮।୨(କାଳିଚରଣ ଦାଶ) ବୁଗୁଡ଼ା ବ୍ଲକ ଅନ୍ତର୍ଗତ କାନସାରଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭଗବାନପୁର ସରପଞ୍ଚ ସୁଶାନ୍ତ ପ୍ରଧାନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ନାୟକ, ସମ୍ମାନିତ ଅତିଥିଭାବେ ବି ନୂଆଗାଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେ. ରବୀନ୍ଦ୍ର ପାତ୍ର ଏବଂ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପଦାରବିନ୍ଦ ଷଡ଼ଙ୍ଗୀ, ଟାକରଡ଼ା ସିଆରସିସି ଅନନ୍ତ ସାହୁ ଯୋଗ ଦେଇ ଥିଲେ। ଛାତ୍ରୀଛାତ୍ରମାନେ ନିଷ୍ଠା ଓ ଶୃଙ୍ଖଳାର ସହିତ ଅଧ୍ୟୟନ କରି ଭବିଷ୍ୟତରେ ଦେଶର ଜଣେ ଲେଖାଏ ସୁନାଗରିକ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ପାତ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପାତ୍ର ଅତିଥି ପରିଚୟ ଓ ଇତିଶ୍ରୀ ସାହୁ ସ୍ୱାଗତ ସୂଚନା ଦେଇଥିଲେ। ଶିକ୍ଷକ ବ୍ରଜକିଶୋର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ



ଗୋପାଳପୁର,୨୮।୨(ନବୀନ ରାଜ ଆଚାରୀ) କନିସି ତହସିଲ ଅଧୀନ ପାଲୁର ହିଲସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଶନିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ପ୍ରାଣୀ ବିଜ୍ଞାନର ଅବସରପ୍ରାପ୍ତ ଅଧ୍ୟାପକ ଜିବିଏନ ଚୈନୀ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ସହକାରୀ ଜିଲାପାଳ ଓ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଆଦିତି ଆଚାର୍ଯ୍ୟ ଯୋଗ ଦେଇଥିଲେ। ବୈଜ୍ଞାନିକ ନବସୃଜନର ପରମ୍ପରାକୁ ଆଗକୁ ନେବା ପାଇଁ ଭବିଷ୍ୟତ ପିଢ଼ିକୁ ଅନୁପ୍ରାଣିତ କରିବା ପାଇଁ ବିଜ୍ଞାନକୁ ମୌଳିକସ୍ତରରେ ବୁଝିବା ଉପରେ ମୁଖ୍ୟ ଅତିଥି ଗୁରୁତ୍ୱାରୋପ କରିଥିଲେ। ସିଏସଆଇଆର-ଆଇଏମ୍ଏମ୍‌ଟିର ପରିବେଶ ଓ ନିରନ୍ତରତା ବିଭାଗର ବୈଜ୍ଞାନିକ ଡ.ମନୀଷ କୁମାର ବକ୍ତୃତା ପ୍ରଦାନ କରିଥିଲେ। ସଂଯୋଜକ ଡ.ଅମିତ ପଟ୍ଟନାୟକ ଜାତୀୟ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। କୁଳପତି ଡ଼.ପ୍ରିୟଦର୍ଶନ ପାତ୍ର ଆବିଷ୍କାର ଏବଂ ମାନବ ଜାତି ପାଇଁ ଏହାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୩ଶହ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଲବ୍ ପକ୍ଷରୁ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ଖଲ୍ଲିକୋଟ ମହାବିଦ୍ୟାଳୟର ଦେବାଶିଷ ମାତୃପ୍ରସାଦ ରଥ ପ୍ରଥମ, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆୟୁଷ ରଞ୍ଜନ ସ୍ୱାଇଁ ଦ୍ୱିତୀୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଅଂଶୁମାନ ସାହୁ ତୃତୀୟ ପୁରସ୍କାର ପାଇଥିଲେ। ଗବେଷଣା ପ୍ରଦର୍ଶନୀରେ ବାୟୋଟେକ୍ନୋଲୋଜିର ଶୁଭଲକ୍ଷ୍ମୀ ନାୟକ ପ୍ରଥମ, ରସାୟନ ବିଜ୍ଞାନର ମହାବୀର ନନ୍ଦ ଦ୍ୱିତୀୟ ଏବଂ ରସାୟନ ବିଜ୍ଞାନର ମନୀଷା କୁମାରୀ ମହାନ୍ତି ତୃତୀୟ ପୁରସ୍କାର ପାଇଥିଲେ।

## କେରଳରେ ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

### ମୃତଦେହ ଆଣିବାକୁ ଚିନ୍ତାରେ ପରିବାର

ଦାରିଙ୍ଗବାଡ଼ି, ୨୮।୨ (ଅରୁଣ ସାହୁ) ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଜଣେ ଯୁବକ ଜୀବନ ହାରିଛନ୍ତି। ସେ ହେଲେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଦନେକବାଡ଼ି ପଞ୍ଚାୟତ କୁପିବାଡ଼ି ଗ୍ରାମର ହେରାର୍ଦ ନାୟକଙ୍କ ପୁଅ ବିନୟ ଓରଫ ଲିଟୁ (୨୨)। କେରଳର ରାଜଧାନୀ ଥିରୁବନ୍ତପୁରମ୍‌ରେ ବାଇକ୍ ଦୁର୍ଘଟଣାରେ ବିନୟଙ୍କ ମୃତ୍ୟୁ ହୋଇଛି। ତାଙ୍କ ମୃତ ଶରୀର ଗାଁକୁ ଆଣିବା ପାଇଁ ପରିବାର ଲୋକଙ୍କୁ ଅର୍ଥ ବାଧକ ସାଜିଥିବା ବେଳେ ଏନେଇ ଜିଲା ପ୍ରଶାସନ ଓ ଜିଲା ଶ୍ରମ ଅଧିକାରୀଙ୍କୁ ବିନୟଙ୍କ ବାପା ପତ୍ର ଲେଖି କେରଳରୁ ତାଙ୍କ ପୁଅର ମୃତଦେହ ଗାଁକୁ ଆଣିବାକୁ ତାଙ୍କର ସମ୍ବଳ ନାହିଁ, ତେଣୁ ମୃତଦେହ ଆଣିବାକୁ ସେ ନିବେଦନ କରିଛନ୍ତି। ସେଠାରେ ବିନୟ ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ସେ ନିଜ କାମ ସାରି ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ ଜଣେ ସାଙ୍ଗଙ୍କ ସହ ଫେରୁଥିଲେ। ଏହି ସମୟରେ ବାଇକ୍ ସହ ବାଇକ ଦୁର୍ଘଟଣା ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେଥିରେ କେରଳର ୨ ଜଣ ରହିଥିବା ବେଳେ ଓଡ଼ିଶାର ଦାରିଙ୍ଗବାଡି ଥାନା ଅଞ୍ଚଳର ବିନୟ ଥିଲେ ବୋଲି ତାଙ୍କ ମାମୁ ଜେମ୍ସ ନାୟକ ସୂଚନା ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ କିଶୋରୀ ମେଳା

ଦାରିଙ୍ଗବାଡ଼ି,୨୮।୨ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳରେ ୨୫ ପଞ୍ଚାୟତରେ କିଶୋରୀମାନଙ୍କୁ ଚିହ୍ନଟ କରାଯାଇ ପଞ୍ଚାୟତସ୍ତର କିଶୋରୀ ମେଳାରେ ସାମିଲ କରାଯାଉଛି। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଉଚ୍ଚତା ମାପ, ଓଜନ, ହିମୋଗ୍ଲୋବିନ୍ ଯାଞ୍ଚ କରାଯାଇ ମାଗଣା ଔଷଧ ଯୋଗାଇ ଦିଆଯାଉଛି। ଏହାସହ ୧୮ ରୁ ୧୯ କିଶୋରୀଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଉଥିବା ବୁଟ ଭଜା, ଅଣ୍ଡା ଏବଂ ୧୪ରୁ ୧୮ ବୟସର କିଶୋରୀଙ୍କୁ ବାଦାମ ଲଡ୍ଡୁ, ଛତୁଆ, ଅଣ୍ଡା ପ୍ରଦାନ କରାଯାଉଛି। ଏହାକୁ ଖାଇବାକୁ ପରାମର୍ଶ ଦିଆଯିବା ସହ ପୋଷଣ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଅବସରରେ କିଶୋରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ତଥା ରଙ୍ଗୋଲି, ଝୋଟି, ମ୍ୟୁଜିକ୍ ଚେୟାର ଆଦି କରାଯାଉଛି। ଏଥିରେ କୃତିତ୍ୱ ହାସଲ କରିଥିବା କିଶୋରୀଙ୍କୁ ପୁରସ୍କୃତ କରାଯାଉଛି। ଏହି କ୍ରମରେ ଶନିବାର



ସିମନବାଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ କିଶୋରୀ ମେଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡାଙ୍କ ନେତୃତ୍ୱରେ ସୁପରଭାଇଜର ଅନ୍ନପୂର୍ଣ୍ଣ ସ୍ୱାଇଁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଇନଚାର୍ଜ ରତ୍ନମଣୀ ମଲିକ ଯୋଗ ଦେଇ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୯ଟି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ତଥା ଝୁଲି ପତ୍ରା, ମେନକା ପ୍ରଧାନ, ମିତା କୁମାରୀ ମାଝି, ଉଷାରାଣୀ ନାୟକ, ଯଶୋଦା ପ୍ରଧାନ, ବନିତା ପ୍ରଧାନ, ଚମ୍ପିମା ପ୍ରଧାନ, ବିଜୟାଲକ୍ଷ୍ମୀ ପ୍ରଧାନ, ସଂଗୀତା ପ୍ରଧାନଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଏହି ମେଳାରେ ପ୍ରାୟ ୩୦ ଜଣ କିଶୋରୀ ଭାଗ ନେଇଥିଲେ। ପ୍ରେମ ଅନୁଷ୍ଠାନର ପାତ୍ର ପ୍ରଧାନ ଯୋଗଦେଇ ସହଯୋଗ କରିଥିଲେ। ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଚଳିତ ୨୧ରୁ ଆରମ୍ଭ ହୋଇଥିବା ମେଳା ଆସନ୍ତା ମାର୍ଚ୍ଚରେ ସରିବ ବୋଲି ଜଣାପଡ଼ିଛି।

## ଯୌନ ଶୋଷଣ ନିରୋଧ ଆଇନ ସଚେତନତା କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର,୨୮।୨(ସବିତା ମିଶ୍ର) ପୁରୁଷୋତ୍ତମପୁର ବିଚାର ବିଭାଗୀୟ ଅଦାଲତର ତାଲୁକ ଆଇନସେବା ପ୍ରାଧିକରଣ କମିଟି ପକ୍ଷରୁ ଶନିବାର ଯୌନ ଶୋଷଣ ନିରୋଧ ଆଇନ ସମ୍ପର୍କରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଛି। ଏଥିରେ ଆଇନସେବା କମିଟି ଅଧ୍ୟକ୍ଷ ସିନିୟର ସିଭିଲଜଜ୍ ଶରତ କୁମାର ସାହୁ ସଭାପତିତ୍ୱ କରିଥିଲେ। ଏବେ ମହିଳାଙ୍କ ଉପରେ ଯୌନ ନିର୍ଯ୍ୟାତନାମାନ ବଢ଼ିବାରେ ଲାଗିଥିବାରୁ ଏହାକୁ କିପରି ରୋକାଯାଇପାରିବ, ଏଭଳି ଅପରାଧିକ କାର୍ଯ୍ୟ ଲାଗି କିଭଳି ଆଇନ ଓ ଦଣ୍ଡବିଧାନ ରହିଛି ସେନେଇ ଜଜ୍ ସାହୁ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ପ୍ରଥମଶ୍ରେଣୀ ବିଚାରପତି ଅନନ୍ୟା ଅର୍ପମିତା ଯୋଗଦେଇ ଯୌନ ନିରୋଧ ଆଇନ ସମ୍ପର୍କରେ ଗୁରୁତ୍ୱାରୋପ କରି ମହିଳା ଓ ଯୁବତୀମାନେ ଏହାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଓକିଲସଂଘ ସଭାପତି କୃଷ୍ଣଚନ୍ଦ୍ର ଗୌଡ, ସମ୍ପାଦକ ରବୀନ୍ଦ୍ରସାହୁ, ସରକାରୀ ଓକିଲ ଉପେନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କବିସୂର୍ଯ୍ୟନଗର,୨୮।୨ (କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ପାଇକଯମୁନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘ ୩୪ ବର୍ଷ ହେବ ସହାୟକ ଶିକ୍ଷକ ଭାବେ ମଙ୍ଗୁଲୁ ଜେନ ନିରଙ୍କୁଶ ଭାବେ କାର୍ଯ୍ୟ କରି ଏକାଦଶୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଶଂସିତ ହୋଇଥିଲେ। ତାଙ୍କୁ ମାନପତ୍ର, ଉତ୍ତରୀୟଦେଇ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଗୋଷ୍ଠୀ ଶିକ୍ଷାଧିକାରୀ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଇଓ ଅଭିମନ୍ୟୁ ସାହୁ, ମୁଖ୍ୟବକ୍ତା ଏବିଇଓ ମାଧଚନ୍ଦ୍ର ମାଝୀ, ବିଆରସିସି ରବିନାରାୟଣ ବେହେରା, ସମ୍ମାନୀତ ଅତିଥି ଦଣ୍ଡପାଣି ରେଡ୍ଡୀ, ନୀଳାଞ୍ଚଳ କର, ମଳୟ ବସନ୍ତ ସ୍ୱାଇଁ, ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗୁଲୁ ସାର ଦୀର୍ଘ ୩୪ ବର୍ଷର ଶିକ୍ଷାଦାନର ଅନୁଭୂତି ବାଣ୍ଟିଥିଲେ । ଶେଷରେ ବିଇଓ କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଛାତ୍ରୀଆତ୍ମରକ୍ଷା ତାଲିମ ଶିବିର




ଜି.ଉଦୟଗିରି,୨୮।୨(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ) ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟରେ ୧୦ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଚଳିତ ମାସ ୧୭ରୁ ଅଧ୍ୟକ୍ଷ ପ୍ରସନ୍ନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ଏନଏସି ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁପ୍ରିୟା ମହାନ୍ତି ଏବଂ ଅଧ୍ୟାପକ ଡ.ନଳିନୀ ପାଣିଗ୍ରାହୀ ଯୋଗଦେଇ ଛାତ୍ରୀମାନଙ୍କ ନିମନ୍ତେ ସାମ୍ପ୍ରତିକ ସମୟରେ ଆତ୍ମରକ୍ଷା କୌଶଳ ତାଲିମର ଯଥାର୍ଥତା ସମ୍ପର୍କରେ କହିଥିଲେ। ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରାପ୍ତ ପ୍ରାକ୍ତନ ଛାତ୍ରୀ ସୁରୁଚି ପ୍ରଧାନ ଏବଂ ଦାମିନୀ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଅନୁପମା ମିଞ୍ଜ୍ ଧନ୍ୟବାଦ ଦେଇଥିଲେ।

# ଜାତୀୟ ବିଜ୍ଞାନ ଦିବସ ପାଳିତ

ଆସିକା,୨୮।୨(ସୁରେନ୍ଦ୍ର ନାଥ ସାହୁ ) ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଶନିବାର ଦିନ ଜାତୀୟ ବିଜ୍ଞାନ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସଭାପତି ଡ. ବିନୋଦ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ବିଜୟ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥି, ଯୁକ୍ତ ୨ର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ସାବତ ଓ ଅଧ୍ୟାପକ ରୁଦ୍ର ମାଧବ ମହାନ୍ତି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ଅତିଥିମାନେ ମାନବ ସେବାରେ ବିଜ୍ଞାନର ଉପଯୋଗ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହା ଛଡା ପଦାର୍ଥ ବିଜ୍ଞାନକୁ ଲୋକାଭିମୁଖୀ କରିବାରେ ବୈଜ୍ଞାନିକ ସି.ଭି. ରମଣଙ୍କ ଅବଦାନ ସମ୍ପର୍କରେ ବୁଝାଇଥିଲେ । ପ୍ରଧାନ ଆଚାର୍ଯ୍ୟ ସୁନୀଲ ଗୌଡ଼ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ରାଜଦୀପ ରାଓ ଦୋରା ଅତିଥି ପରିଚୟ, ଛାତ୍ରୀ ଦିକ୍ଷାଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ। ଆୟାଂଶ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରୁଦ୍ର ପ୍ରସାଦ ପଣ୍ଡା, ଦଣ୍ଡ ପାଣି ବେହେରା, ପ୍ରତାପ ମହାପାତ୍ର ଓ ଯୁକ୍ତ ୨ର ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ସାବତ ମଞ୍ଚାସିନ ଥିଲେ।

# ଲକ୍ଷପତି ଦିଦି ସଚେତନତା କାର୍ଯ୍ୟକ୍ରମ

କୋଟଗଡ଼, ୨୮।୨(ସରୋଜ ବଳିୟାରସିଂ ) କୋଟଗଡ଼ ବ୍ଲକ୍ ଜାମଖୋର ଖେଳ ପଡିଆରେ ସି.ନି ସଂସ୍ଥା ପକ୍ଷରୁ ଲକ୍ଷପତି ଦିଦି କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କୋଟଗଡ଼ ବ୍ଲକ୍‌ର ସୁବର୍ଣ୍ଣଗିରି, ଯୁବାଗୁଡା, ମାଦାଗୁଡା, ଜୁଡାବାଲି, କୋଟଗଡ଼, ଦୁର୍ଗାପଙ୍ଗା, ଧାରାକୋଟ ପଞ୍ଚାୟତର ଶତାଧିକ ପିଜି ଗ୍ରୁପର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଦେବାଶିଷ ମଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ବିଆଇ ବ୍ୟାଙ୍କ ଶାଖା ପରିଚାଳକ ରାଜେନ୍ଦ୍ର ସାହୁ ଓ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଲକ୍ଷ୍ମୀକାନ୍ତ ଦିଗନ, କୋଟଗଡ ବନବିଭାଗ ଅଧିକାରୀ ବାଲ୍ ଗୋପାଲ୍ ବେହେରା, ନିଗମ ଫାଉଣ୍ଡେଶନ ସେକ୍ରେଟାରୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସଂସ୍ଥା ପକ୍ଷରୁ ଅଙ୍କିତା ପ୍ରିୟଦର୍ଶନୀ ଅତିଥି ପରିଚୟ ଦେଇଥିଲେ। ବ୍ଲକ୍ ସମନ୍ୱୟ ଅଧିକାରୀ ସୌରଭ କୁଣ୍ଡୁ ସିନି ସଂସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ସିନି ସଂସ୍ଥାର ଆଞ୍ଚଳିକ ପରିଚାଳକ ଚନ୍ଦ୍ରମଣି ସାହୁ ସଭା ପରିଚାଳନା କରିଥିଲେ। ନବୀନ ମାଝୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଉପରେ କହିଥିଲେ ଯେ, କନ୍ଧମାଳ ଜିଲାକୁ ଭୌଗୋଳିକ, ଅର୍ଥନୈତିକ, ଦୃଷ୍ଟିକୋଣରୁ କୃଷି ଓ ଜୀବନ ଜୀବିକା ଅର୍ଜନ ପାଇଁ ଜୈବିକ ପ୍ରଣାଳୀରେ ବିଭିନ୍ନ ପନିପରିବା ଚାଷ ଓ ଛେଳି କୁକୁଡ଼ା ପାଳନ କରି ପ୍ରତ୍ୟେକ ଦିଦିମାନେ ବର୍ଷକୁ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରିବେ। ପ୍ରତ୍ୟେକ ଗ୍ରାମ୍ୟସ୍ତରରେ ଉତ୍ପାଦକ ଗୋଷ୍ଠୀରେ କ୍ଷୁଦ୍ର ମହିଳାଚାଷୀଙ୍କୁ ସିନି ସଂସ୍ଥା ପ୍ରାଧାନ୍ୟ ଦେବ ବୋଲି ଚନ୍ଦ୍ରମଣି ସାହୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ପାରମ୍ପରିକ କନ୍ଧକୁଇ ଗୀତ ସହ ମନରଞ୍ଜନ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସିନି ସଂସ୍ଥା ପକ୍ଷରୁ ଜ୍ଞାନେନ୍ଦ୍ର, ଶ୍ରଦ୍ଧାଞ୍ଜଳି ମହାରଣା, ନବୀନ କୁମାର ମାଝୀ, ସାନ ଟାକ୍ରି, ସୁବ୍ରତ ମହାକୁଡ଼, ସ୍ମୃତି ସ୍ମରଣୀକା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବ୍ୟବସାୟୀ, ବୁଲା ଗୋରୁଙ୍କ କବ୍‌ଜାରେ ରାସ୍ତା

### ଦୋଳଯାତ୍ରା ପାଇଁ ୨ଥର ବସିଲା ପ୍ରସ୍ତୁତି ବୈଠକ, ପ୍ରସ୍ତୁତି ନାହିଁ

ଗଞ୍ଜାମ,୨୮।୨(ବିଦ୍ୟାଧର ସାହୁ) ମଙ୍ଗଳବାର ଆରମ୍ଭ ହେବ ଗଞ୍ଜାମ ସହରରେ ଐତିହାସିକ ଦୋଳ ଯାତ୍ରା। ଏହି ଯାତ୍ରାରେ ବିଭିନ୍ନ ସାହିର ସୁସଜ୍ଜିତ ୧୬ଟି ଦୋଳ ବିମାନ ମେଢ଼ ବଜାରକୁ ଆସିବେ। ପ୍ରଥମେ ସ୍ଥାନ ଚିହ୍ନଟ ପାଇଁ ପୂର୍ବାହ୍ନରେ ୧୨ଟି ମେଢ଼ ବଜାରକୁ ଆସି ନିଜ ନିଜ ସ୍ଥାନ ଚିହ୍ନଟ କରି ପୁଣି ନିଜ ସାହିକୁ ଠାକୁର ଫେରିଯିବେ। ବିଭିନ୍ନ ସାହି ମେଢ଼ ଶୋଭାଯାତ୍ରାରେ ସ୍ଥାନ ଚିହ୍ନଟ ପାଇଁ ଆସୁଥିବାରୁ ବଜାର ସେହି ସମୟରେ ଜନଗହଳି ରହିବ। ବର୍ତ୍ତମାନ କିଛି ବ୍ୟବସାୟୀ ଦୋକାନ ଆଗକୁ ଆଣିବା ସହ ହୋର୍ଡିଂ ଏବଂ କିଛି ଦୋକାନ ସାମଗ୍ରୀ



ରାସ୍ତା ଉପରେ ଥିବାରୁ ସେତେବେଳେ ଏହା ଟ୍ରାଫିକ ସମସ୍ୟା ସୃଷ୍ଟି କରିବ। ଏହି ଯାତ୍ରା ପାଇଁ ଏନଏସି ପ୍ରଶାସନ ଓ ଥାନା ପୋଲିସ ପକ୍ଷରୁ ଦୁଇ ଦୁଇ ଥର ଶାନ୍ତି କମିଟିକୁ ନେଇ ପ୍ରସ୍ତୁତି ବୈଠକ ବସି ଏହି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲେ ମଧ ପ୍ରଶାସନ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଉକ୍ତ ଦୋକାନୀଙ୍କୁ ରାସ୍ତା ଉପରୁ ସାମଗ୍ରୀ ଉଠାଇବାକୁ କହିନାହିଁ କିମ୍ବା ନୋଟିସ ଦେଇନାହିଁ। ଯାତ୍ରାରେ ବହୁ ସଂଖ୍ୟାରେ ବିଭିନ୍ନ ପସରା ପଡୁଛି। ଯାତ୍ରା ପୂର୍ବରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ବୁଲା ଗୋରୁଙ୍କ ପାଇଁ ମଧ ଯାତ୍ରା ପ୍ରଭାବିତ ହେବା ଆଶଙ୍କା ରହିଛି। ତ୍ରିବେଣୀ ମଠ ଛକଠାରୁ ସାନ ବଜାର ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଗୋରୁ ଗାଈ ରାସ୍ତା ଉପରେ ବୁଲୁଛନ୍ତି। ଏଥିପ୍ରତି ମଧ ଏନଏସି ଆଖି ବୁଜି ଦେଇଛି। ଏ ସମ୍ପର୍କରେ ଆଇଆଇସି ସୁମିତ୍ରା ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଯାତ୍ରା ପୂର୍ବରୁ ବ୍ୟବସାୟୀଙ୍କୁ ନୋଟିସ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

